ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1213/09-11-2023**

## ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ

# ମିଲେଟ ମିଶନର ଉପଲବ୍ଧି ନେଇ ପ୍ରତିନିଧିମାନଙ୍କ ମତବିନିମୟ

ଭୁବନେଶ୍ୱର, ୦୯/୧୧/୨୦୨୩

ରାଜ୍ୟରେ ମିଲେଟ ମିଶନକୁ ବିଶେଷ ସଫଳତା ମିଳିଥିବାବେଳେ ଅଧିକ ଉପଲବ୍ଧି ନିମନ୍ତେ ଦେଶର ଅନ୍ୟାନ୍ୟ ରାଜ୍ୟ, ଆନ୍ୟାନ୍ୟ ରାଷ୍ଟ୍ରର ପ୍ରତିନିଧିବୃନ୍ଦ ମତବିନିମୟ କରିଛନ୍ତି । ମିଶନର କାର୍ଯ୍ୟକ୍ରମ ନେଇ ସେମାନେ ମତାମତ ଦେବା ସହିତ ଆବଶ୍ୟକୀୟ ଶିକ୍ଷଣକୁ ଉପଯୋଗ କରିବା ନିମନ୍ତେ ଗୁରୁତ୍ୱ ଦେଇଛନ୍ତି ।

ଆନ୍ତର୍ଜାତିକ ମିଲେଟ ବର୍ଷ ୨୦୨୩ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଅନୁଷ୍ଠିତ ଏକ ଅଧିବେଶନରେ ପ୍ରତିନିଧିବୃନ୍ଦ ସାମିଲ ହୋଇ ବିଭିନ୍ନ ରାଜ୍ୟ ତଥା ଦେଶରେ କାର୍ଯ୍ୟକାରୀ ହେଉଥିବା ମିଲେଟ ମିଶନ ଯୋଜନା, ସୁଫଳ ଓ ଆହ୍ୱାନ ଇତ୍ୟାଦି ଉପରେ ଆଲୋଚନା କରିଥିଲେ ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପନିର୍ଦ୍ଦେଶକ (ଭାରତ) ନୋଜୋମି ହାସିମୋତୋ ଓ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଶୁଭା ଠାକୁରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମତବିନିମୟ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରତିନିଧିବୃନ୍ଦ, ବିଭିନ୍ନ ଦେଶର ମିଲେଟ ଆମ୍ବାସଡର, ବିଶ୍ୱ ଖାଦ୍ୟ ସଂଗଠନର ପ୍ରତିନିଧିବୃନ୍ଦ ଅଂଶଗ୍ରହଣ କରିଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଆବଶ୍ୟକୀୟ ମାର୍ଗଦର୍ଶନ ଦେଇଥିଲେ ।

ପୁଷ୍ଟିଶସ୍ୟର ପ୍ରସାର ଦିଗରେ ପାରସ୍ପରିକ ସହଯୋଗ ନେଇ ଅଂଶଗ୍ରହଣକାରୀମାନେ ସହମତ ହୋଇଥିଲେ । ସାମଗ୍ରିକ ଉଦ୍ୟମ ବଳରେ ମିଲେଟ ମିଶନର ଅଧିକ ସୁଫଳ ମିଳିବ ବୋଲି ସେମାନେ ମତ ଦେଇଥିଲେ । ବିଶେଷ କରି ଭାରତ.ଏସୀୟ ତଥା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ରହିଥିବା ସୁଯୋଗଗୁଡ଼ିକର ଯଥାର୍ଥ ଉପଯୋଗ ନିମନ୍ତେ ସେମାନେ ଉଲ୍ଲେଖ କରିଥିଲେ । ନୀତି ନିର୍ଦ୍ଧାରଣ ଏବଂ ଜ୍ଞାନବିନିମୟ ବଳରେ ସଫଳ ମିଲେଟ ମିଶନ ମଡେଲମାନ କ୍ରିୟାଶୀଳ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା । ମିଲେଟର ମୂଲ୍ୟଶୃଙ୍ଖଳକୁ ସଶକ୍ତ କରିବା ଦିଗରେ ଅଧିକ ପଂଜିନିବେଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ ।

ତନୁଜା ମହାନ୍ତି
ସୂଚନା ଅଧିକାରୀ